## ହାତୀ ଭୟରେ ଖାଲରେ ପଡ଼ି ଗୁରୁତର

ବାଙ୍ଗିରିପୋଷି,(ଡି.ଏନ.ଏ.): ହାତୀ ଆକ୍ରମଣରୁ ବର୍ତ୍ତିବା ପାଇଁ ଦୌଡ଼ିବା ବେଳେ ଖାଲରେ ପଡ଼ି ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ବୈଲୋଚନ ଗିରି। ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନାଞ୍ଚଳ ଅଧୀନ ତଳଭାରଦାଶୋଳ ଗ୍ରାମ୍ୟ ଜଙ୍ଗଲକୁ ସୋମବାର ସକାଳେ ସେ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଦେଖି ଆକ୍ରମଣ କରିବାକୁ ଆସୁଥିବା ବେଳେ ସେ ଜୀବନ ବଞ୍ଚାଇବା ପାଇଁ ଦୌଡ଼ିବା ସମୟରେ ଏକ ଖାଲରେ ପଡ଼ି ଯିବାରୁ ତାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଘଉଡ଼ାଇବାରୁ ହାତୀଟି ସେଠାରୁ ପଳାଇ ଯାଇଥିଲା।

## ସଂକ୍ଷେପରେ

### ଝିଅକୁ ବଳାତ୍କାର ଉଦ୍ୟମ ବେଳେ ବିରୋଧ କରିବାରୁ ମା' ବାପାଙ୍କୁ ଆକ୍ରମଣ

ବାହାନଗା, ୨୬।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଅଞ୍ଚଳରେ ଜଣେ ଯୁବତୀଙ୍କ ଘରେ ପଶି ୫ଜଣ ଯୁବକ ବଳାତ୍କାର ଉଦ୍ୟମ କରିବା ବେଳେ ତାଙ୍କ ମା' ବାପା ବିରୋଧ କରିବାରୁ ସେମାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଖନ୍ତାପଡା ଥାନାରେ ୫ଜଣଙ୍କ ନାମରେ ଅଭିଯୋଗ ହୋଇଛି। ରବିବାର ଅପରାହ୍ନରେ ଖେରଙ୍ଗ ଗ୍ରାମର ସୁଶାନ୍ତ ମଳିକ, ଲିଟୁ ମଳିକ, ରତ୍ନାକର ଦାସ ଓ ବରିପଦା ଗ୍ରାମର ନିରଞ୍ଜନ ମଳିକ, ପପୁ ମଳିକ ମାରଣାସ୍ତ୍ର ଧରି ପ୍ରଥମେ ଯୁବତୀଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ତାଙ୍କ ମା' ବାପା ଏହାକୁ ବିରୋଧ କରିବାରୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଯୁବତୀଜଣକ ଚିତ୍କାର କରିବାରୁ ସେମାନେ ମାରଣାସ୍ତ୍ରରେ ଆକ୍ରମଣ କରିବା ବେଳେ ଝିଅଟିର ହାତ କଟିଯାଇଥିଲା। ଯୁବକମାନେ ଝିଅକୁ ଟେକିନେଇ ପଳାଉଥିବା ବେଳେ ରାସ୍ତାରେ ଚିତ୍କାର କରିବାରୁ ଛାଡି ଚାଲିଯିବା ସହ ତାଙ୍କ ଭାଇଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନେ ସମୁଦ୍ର ଆଡିଆର ଝାଉଁ ଜଙ୍ଗଲ ଆଡେ ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ. ୩୨୩/୨୨) ରୁଜୁ କରାଯାଇଛି।

### ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ଭଦ୍ରକ ଅଫିସ, ୨୬।୧୨- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଗତ ମୋଟ ୧୫୧ ଅଭିଯୋଗର ଶୁଣାଣି କରାଯାଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଉପଜିଲାପାଳ ମନୋଜ ପାତ୍ର, ଚାନ୍ଦବାଲି ତହସିଲଦାର ସୁଶାନ୍ତ କୁମାର ସୂତାର ପ୍ରମୁଖ ଯୋଗ ଦେଇଥିଲେ। ସହାୟକ ଜିଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନରେ ସହଯୋଗ କରିଥିଲେ।

### ଭାଜପା ପକ୍ଷରୁ ବାଜପେୟୀଙ୍କ ଜୟନ୍ତୀ

ଔପଦା, ୨୬।୧୨(ଡି.ଏନ.ଏ.)-ଔପଦାରେ ଭାଜପା ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ପାଳନ କରାଯାଇଛି। ଔପଦା ଭାଜପା ମଣ୍ଡଳର ସଭାପତି ଲକ୍ଷ୍ମୀକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବିଧାୟକ ପ୍ରତିନିଧି ନିରଞ୍ଜନ ମହାନ୍ତି, ଯୁବନେତା ରାକେଶ କୁମାର ସିଂ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ନାରୀନେତ୍ରୀ ଶାନ୍ତିଲତା ଲେଙ୍କା, ବରିଷ୍ଠ ନେତା ଅଜୟ କୁମାର ପ୍ରଧାନ, ହରିହର ମହଲା, ବିକ୍ରମ କେଶରୀ ପାତ୍ର, ଉଦୟ କୁମାର ଦାଶ, ପର୍ଶୁରାମ ଲେଙ୍କା ପ୍ରମୁଖ ବରିଷ୍ଠ ନେତା, ଯୁବନେତା, କର୍ମୀମାନେ ସହଯୋଗ କରିଥିଲେ। ପ୍ରଥମେ ଏମ୍‌ପି ଷଡ଼ଙ୍ଗୀ ଓ ବିଧାୟକ ଇଂ. ନାୟକ ଔପଦା ଷ୍ଟେଶନସାହି ଛକ ଠାରୁ ଖୁଣ୍ଟାଡ଼ିହା ପାଟଣା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ଶିଳାନ୍ୟାସ କରିଥିଲେ।

# ଡିଭାଇଡରର ଭାଙ୍ଗି ପେଟ୍ରୋଲ ପମ୍ପକୁ ରାସ୍ତା

■ଜାତୀୟ ରାଜପଥ ପ୍ରାଧିକରଣର ଅନୁମତି ନାହିଁ

■ହାତୀ ଚଳାପଥ ନିକଟ, କାର୍ଯ୍ୟାନୁଷ୍ଠାନ ଦାବି


ରାଜପଥରୁ ଡିଭାଇଡ଼ର ଭଙ୍ଗାଯାଇଥିବା ସ୍ଥାନ।

କେନ୍ଦୁଝର,୨୬।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ପିପିଳିଆ ନିକଟରେ ଏନ୍‌ଏଚ୍ ୨୦ କଡ଼ରେ ଥିବା ଏକ ପେଟ୍ରୋଲ ପମ୍ପକୁ ଗାଡ଼ି ଚଳାଚଳ ପାଇଁ ଜାତୀୟ ରାଜପଥ ୨୦ର ମେଡିଆନ (ଡିଭାଇଡର)କୁ ଭାଙ୍ଗି ଦିଆଯାଇଛି। ଏହା ଦ୍ୱାରା ଜାତୀୟ ରାଜପଥର ଲକ୍ଷାଧିକ ଟଙ୍କା କ୍ଷତି ହୋଇଥିବା ବେଳେ ଦୁର୍ଘଟଣା ଘଟିବା ସମ୍ଭାବନା ଦେଖାଦେଇଛି। ଜାତୀୟ ରାଜପଥ ପ୍ରାଧିକରଣର ବିନା ଅନୁମତିରେ ଓ ବେଆଇନ ଭାବରେ ଏଭଳି ମେଡିଆନ ଭଙ୍ଗା ଯିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ରାସ୍ତା ଭାଙ୍ଗି ଜାତୀୟ ସମ୍ପତ୍ତି ନଷ୍ଟ କରାଯାଇଥିବାରୁ ଫୌଜଦାରୀ ମାମଲା ରୁଜୁ କରିବା ସହ ଜରିମାନା ଆଦାୟ କରିବାକୁ ଦାବି ହେଉଛି। ପ୍ରକାଶ ଯେ, ଅସମ୍ପୂର୍ଣ୍ଣ ଓ ତ୍ରୁଟିପୂର୍ଣ୍ଣ ଏନ୍‌ଏଚ ୨୦ ଯୋଗୁ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଏଭଳି ପରିସ୍ଥିତିରେ ବିନା ଜାତୀୟ ରାଜପଥ ପ୍ରାଧିକରଣ ଅନୁମୋତିରେ ପାଖାପାଖି ୧୦୦ ମିଟର ଡିଭାଇଡରକୁ ଭଙ୍ଗାଯାଇଛି। ଘଟଣା ରାସ୍ତାରେ ଯାତାୟାତ କରୁଥିବା ଏନ୍‌ଏଚ୍‌ଏଆଇର ପାଟ୍ରୋଲିଂ ଗାଡ଼ି ଜାଣି ମଧ୍ୟ ଚୁପ ରହିବା ସନ୍ଦେହକୁ ଅଧିକ ଘନିଭୂତ କରୁଛି। ଅନ୍ୟପକ୍ଷେ ଉକ୍ତ ସ୍ଥାନ ନିକଟରେ ହାତୀମାନଙ୍କର ଏକ ଚଳପଥ ରହିଥିବାରୁ ବନ ବିଭାଗ ପକ୍ଷରୁ ସତର୍କ ଫଳକ ଲଗାଯାଇଛି। ଏହା ସତ୍ତ୍ୱେ ଉକ୍ତ ପମ୍ପକୁ ଅନୁମତି ଦିଆଯାଇଥିବାରୁ ପୂର୍ବରୁ ମଧ୍ୟ ବିବାଦ ଦେଖାଦେଇଥିଲା। ଏବେ ଏଭଳି ଡିଭାଇଡର ଭଙ୍ଗାଯାଇ ଗୋଟିଏ ପାର୍ଶ୍ୱରୁ ଗାଡ଼ି ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ରାସ୍ତା ନିର୍ମାଣ କରାଯାଉଛି। ଫଳରେ ଉଭୟ ଗାଡ଼ି, ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ପ୍ରତୀ ବିପଦ ସମ୍ଭାବନାଥିବା ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ କହିଛନ୍ତି। ଏଭଳି ଘଟିଲେ ଉଭୟ ପମ୍ପ ମାଲିକ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଦାୟୀ ରହିବେ ବୋଲି ମାଝୀ କହିଥିଲେ। ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଏଏସ ରାଓ କହିଛନ୍ତି, ଡିଭାଇଡର ଭାଙ୍ଗିବା ପାଇଁ ଅନୁମତି ଦିଆଯାଇ ନାହିଁ। ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ବାରିପଦା ଅଫିସ,୨୬।୧୨

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ(୨) କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ ଡ.ଦୀପକ ରଞ୍ଜନ ସାହୁ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୫ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୭ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଚାନ୍ଦୁଆ ଥାନା ଅଧୀନ ବାଘୁଆସୋଲ ଗ୍ରାମର ମୋହନ ମାରାଣ୍ଡି(୫୨)। ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଜୁନ ୧୫ତାରିଖ ଅପରାହ୍ନ ୪ଟା ସମୟରେ ସ୍ତ୍ରୀ ଲକ୍ଷ୍ମୀଙ୍କ ସହ ମୋହନଙ୍କର ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ମୋହନ ଏକ ବାଉଁଶ ଠେଙ୍ଗାରେ ଲକ୍ଷ୍ମୀଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଏଥିରେ ଲକ୍ଷ୍ମୀ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀଙ୍କ ଭାଇ ବିପିନ ହାଁସଦା ୧୬ ତାରିଖରେ ଚାନ୍ଦୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୫୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଅତିରିକ୍ତ ପି.ପି. ବଟହରି ମହାକୁଡ଼ ମାମଲା ପରିଚାଳନା କରୁଥିଲେ।

## ଯୁବକଙ୍କୁ ପୋଲିସ ଜିମାଦେଲେ

**ଡିଜେଲ ଚୋରି ଅଭିଯୋଗ**

ଯୋଡ଼ା,୨୬।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ଡିଜେଲ ଚୋରି ଅଭିଯୋଗରେ ଲୋକେ ଜଣେ ଯୁବକଙ୍କୁ ପୋଲିସ ଜିମା ଦେଇଛନ୍ତି। ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ଅଟକ ଯୁବକ ଜଣଙ୍କ ବଡ଼ବିଲ ଅଞ୍ଚଳର ସୁଖିଲାଲ ସୁଲାଙ୍ଗ ବୋଲି ପୋଲିସ କହିଛି। ସୂଚନା ମୁତାବକ, ରବିବାର ବିଳମ୍ବିତ ରାତିରେ ଓଆର ୦୨-ବି ଏକ୍ସ ୩୨୬୬ ନମ୍ବର ବିଶିଷ୍ଟ ଏକ ବୋଲେରୋରେ ୪ ଜଣ ଯୁବକ ଝୁମ୍ପୁରା ବ୍ଲକ୍ ନୟାଗଡ଼ ଅଞ୍ଚଳରୁ ଡିଜେଲ ଚୋରି ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ଲୋକଙ୍କୁ ଦେଖି ୩ ଯୁବକ ଖସି ପଳାଇଥିବା ବେଳେ ସୁଖିଲାଲ ସୁଲାଙ୍ଗ ନାମକ ଯୁବକଙ୍କୁ ଲୋକେ କାବୁ କରି ନେଇଥିଲେ। ପରେ ଯୁବକଙ୍କୁ ପୋଲିସ ଜିମା ଦେଇଥିଲେ। ବାମେବାରୀ ପୋଲିସ ଘଟଣାସ୍ଥଳରୁ ବୋଲେରୋ ଏବଂ ବ୍ୟାରେଲ ଜବତ କରିଥିଲା। ଅଟକ ଯୁବକଙ୍କୁ ପଚାଉଚରା ବେଳେ ଖସି ଯାଇଥିବା ସହଯୋଗୀ ବଡ଼ବିଲ ଓ ବଲାଣି ଅଞ୍ଚଳର ଆନନ୍ଦ ଲୋହାର, କାନୁନ, ଟିଟୁ ବୋଲି ସୂଚନା ଦେଇଥିଲେ। ଘଟଣାରେ ଅଧିକ ତଦନ୍ତ ଚାଲିଥିବା ଭାରପ୍ରାପ୍ତ ଥାନାଧିକାରୀ ସ୍ୱରୂପ ନାୟକ କହିଛନ୍ତି।

## ସହର ଉପକଣ୍ଠରେ ଗୋଠଛଡ଼ା ଦନ୍ତା


ଦାମୋଦରପୁରଠାରେ ବୁଲୁଥିବା ଦନ୍ତା।

ବାରିପଦା ଅଫିସ,୨୬।୧୨

ମୟୂରଭଞ୍ଜ ଜିଲା ବାରିପଦା ସହର ଉପକଣ୍ଠରେ ସୋମବାର ସକାଳେ ଏକ ଗୋଠଛଡ଼ା ଦନ୍ତା ଆତଙ୍କ ସୃଷ୍ଟି କରିଥିଲା। ବାରିପଦା ରେଞ୍ଜ ଅଧୀନ ଭୁଗୁଡ଼ାକଟା ଓ ଦାମୋଦରପୁର ଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଏହି ଦନ୍ତା ବୁଲୁଥିଲା। ପାଚିଲା ଧାନ କ୍ଷେତରେ ପଶି ଦନ୍ତା ବ୍ୟାପକ ନଷ୍ଟ କରିଛି। ଲୋକେ ତାହାକୁ ଘଉଡ଼ାଇବା ପାଇଁ ଚେଷ୍ଟା କରିବା ସମୟରେ ଦନ୍ତାଟି ରାଗିଯାଉଥିବା ଦେଖିବାକୁ ମିଳିଥିଲା। ବନ କର୍ମଚାରୀମାନେ ପହଞ୍ଚି ତାହାର ଗତିବିଧି ଉପରେ ନଜର ରଖିଛନ୍ତି। ଖବର ଲେଖା ହେବା ବେଳକୁ ବନ କର୍ମଚାରୀମାନେ ଉତ୍ପାତ ଚଳାଇଥିବା ଦନ୍ତାକୁ ଜନ ବସତିଠାରୁ ଦୂରକୁ ଘଉଡ଼ାଇ ଦେଇଥିବା ଓ ସେ ହାତୀପଲରେ ମିଶି ଯାଇଥିବା ସୂଚନା ମିଳିଛି।

# ଆଜିଠୁ 'ଆଇଏ'ର ବାର୍ଷିକ ଅନ୍ତର୍ଜାତୀୟ ସମ୍ମିଳନୀ



ଖବରଦାତା ସମ୍ମିଳନୀରେ କୁଳପତି ସନ୍ତୋଷ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ବାଲେଶ୍ୱର ଅଫିସ, ୨୬।୧୨

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ଭାରତୀୟ ଅର୍ଥନୈତିକ ସଂଘ ଇଣ୍ଡିଆନ୍ ଇକୋନୋମିକ୍ ଆସୋସିଏସନ୍(ଆଇଏ))ର ବାର୍ଷିକ ଅନ୍ତର୍ଜାତୀୟ ସମ୍ମିଳନୀ ୨୭ରୁ ୨୯ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ। ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ନୂଆପାଢ଼ୀସ୍ଥିତ ବିଶ୍ୱବିଦ୍ୟାଳୟ ନୂତନ କ୍ୟାମ୍ପସ୍ ପରିସରରେ ହେବ। ଏନେଇ ସୋମବାର ଅପରାହ୍ନରେ ବିଶ୍ୱବିଦ୍ୟାଳୟ ପୁରୁଣା କ୍ୟାମ୍ପସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ସୂଚନା ଦେଇଛନ୍ତି। ଆଇଏ ହେଉଛି ସାମାଜ ବିଜ୍ଞାନ ଶୃଙ୍ଖଳାକ୍ଷେତ୍ରରେ ସର୍ବପୁରାତନ ଆସୋସିଏଶନ, ଯାହା ୧୯୧୭ମସିହାରେ ପ୍ରତିଷ୍ଠା ହୋଇଥିଲା। ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଥମଥର ପାଇଁ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରୁଛି। ଏହି କ୍ରମରେ ଚଳିତବର୍ଷ ଦୀର୍ଘ ୨୦ବର୍ଷର ବ୍ୟବଧାନ ପରେ ପୁଣିଥରେ ଓଡ଼ିଶାକୁ ଫେରିଛି। 'ଭାରତରେ ମହାମାରୀ ପରବର୍ତ୍ତୀ ଅର୍ଥନୈତିକ ସ୍ଥିତିର ପୁନରୁଦ୍ଧାର: ନୀତି ଓ ଆହ୍ୱାନ' ବିଷୟବସ୍ତୁ ଉପରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଅବସରରେ ଭାରତୀୟ ଅର୍ଥନୀତି ସହ ଜଡ଼ିତ ଅନ୍ୟ କେତେକ ପ୍ରମୁଖ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯିବ। ଦେଶ ତଥା ବିଦେଶରୁ ପ୍ରାୟ ୫ଶହ ଭିତ୍ତି ପ୍ରବକ୍ତା ତଥା ଭିତ୍ତି ପ୍ରବନ୍ଧ ଉପସ୍ଥାପନାକାରୀ ପ୍ରତିନିଧି ସମ୍ମିଳନୀରେ ଅଂଶଗ୍ରହଣ କରି କୋଭିଡ-୧୯ ମହାମାରୀ ପରେ ଭାରତୀୟ ଅର୍ଥନୀତିର ପୁନରୁଦ୍ଧାର ସମ୍ପର୍କିତ ଯୋଜନା ଏବଂ ନୀତି ଉପରେ ବିଚାର କରିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସମାଜ ବିଜ୍ଞାନ ବିଭାଗ ବିଭାଗ ମୁଖ୍ୟ ତଥା ସଂଯୋଜକ ଡ. ସୁନୀଲ କୁମାର ପାଢ଼ୀ, ଡ. ଅଜୟ କୁମାର ତୋମାର, ଡ. ଡିକେ ଅସ୍ଥାନା, ଏସ୍‌କେ ପାଢ଼ୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଗାଧୁଆଘରୁ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

ଚମ୍ପୁଆ,୨୬।୧୨(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ଧଳାଡ଼ିହି ଗ୍ରାମରେ ଜଣେ ନାବାଳକଙ୍କ ଝୁଲନ୍ତା ମୃତଦେହ ଗାଧୁଆଘରୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ ନଂ. ୩୭/୨୦୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ତଦନ୍ତକାରୀ ଅଫିସର ଶାନ୍ତନୁ ଜେନା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ୧୧ ବର୍ଷୀୟ ନାବାଳକ ଦ୍ୱିପ୍ରହରରେ ଗାଧୁଆଘରକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ବାହାରିବାରୁ କକା ଟେନିସ ପାତ୍ର କବାଟ ବାଡ଼େଇଥିଲେ। କିଛି ଉତ୍ତର ନ ଆସିବାରୁ କବାଟ ଭାଙ୍ଗିଥିଲେ। ଝୁଲନ୍ତା ଅବସ୍ଥାରେ ଥିବା ନାବାଳକଙ୍କୁ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

## ଲକ୍ଷାଧିକ ଟଙ୍କାର କାଠ ଗଣ୍ଡି ଜବତ

ପାଟଣା,୨୬।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ରାଇଡ଼ିହା ବିଟ୍ କଟାବେଡ଼ା ହୁଡ଼ିର ଗ୍ରାମ୍ୟ ଜଙ୍ଗଲରୁ ସୋମବାର ବନ ବିଭାଗ ଲକ୍ଷାଧିକ ଟଙ୍କାର କାଠ ଜବତ କରିଛି। କାଠ ମାଫିଆ ୧ ପିଆ ଶାଳ ଓ ୧ ଶାଳ ଗଛ କାଟି ଚାଲାଣ କରିବାକୁ ଉଦ୍ୟମ କରୁଥିବା ଖବର ପାଇ ବନ ବିଭାଗ ଚଢ଼ାଉ କରିଥିଲା। ଚଢ଼ାଉରେ ୪ ଟି ଶାଳ ଓ ୫ ଟି ପିଆ ଶାଳ ଗଣ୍ଡିକୁ ଜବତ କରି ପାଟଣା ରେଞ୍ଜକୁ ଆଣିଛି। ତେବେ କାଠ ମାଫିଆ ଜଙ୍ଗଲ ଭିତରେ ଫେରାର ହୋଇଯିବାକୁ ସଫଳ ହୋଇଯାଇଥିବା ପାଟଣା ରେଞ୍ଜର ଘାସିନାଥ ପାତ୍ର ସୂଚନା ଦେଇଛନ୍ତି। ଚଢ଼ାଉରେ ସାହାରପଡ଼ା ବନପାଳ ଭୂପତି ସେଠୀ, ପାଟଣା ବନପାଳ ଚିତ୍ତରଞ୍ଜନ ପରିଡ଼ା, ଗାର୍ଡ ନିରୂପମା ମାହାକୁଡ଼ ଓ ପାରାଷ୍ଟାଫ ସାମିଲ ହୋଇଥିଲେ।

## ଦୁଇଟି ଘରୁ ଲୁଟି ନେଲେ ୧୦ ଲକ୍ଷ ଟଙ୍କାର ଗହଣା

ସୋର, ୨୬।୧୨(ଡି.ଏନ୍.ଏ.)

ରବିବାର ରାତିରେ ସୋର ପୌରପାଳିକା ଅଧୀନ କମରପୁର ମୌଜାରେ ଥିବା ଅନ୍ନପୂର୍ଣ୍ଣା ରାଇସ୍ ମିଲ୍ ପରିସର ଓ ନିକଟସ୍ଥ ବଢ଼େଇ ସାହିରେ ଥିବା ଦୁଇଟି ଘରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାରୁପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ରାଇସ୍ ମିଲ୍ ପରିସରରେ ସ୍ୱର୍ଗତ ଗୋପବନ୍ଧୁ ନାୟକଙ୍କ ପୁଅ ଜୟଦେବ ସପରିବାରେ ତଳ ମହଲାରେ ରହୁଥିବା ବେଳେ ଉପର ମହଲାରେ ତାଙ୍କ କକା ଡମ୍ବରୁଧର ନାୟକ ରହୁଥିଲେ। ଗତ ୭ ଦିନ ତଳେ ଜୟଦେବଙ୍କ ପରିବାର କୌଣସି କାମରେ ଭୁବନେଶ୍ୱରରେ ରହୁଥିବା ସୁଯୋଗ ନେଇ ଘର ସମ୍ମୁଖ ଦ୍ୱାର ଭାଙ୍ଗି ଡକାୟତ ଘରେ ପଶି ଲୁହା ଆଲମିରା ଓ ଅନ୍ୟାନ୍ୟ ସୁଟ୍‌କେଶ୍ ଚାବି ଭାଙ୍ଗି ନଗଦ ଟଙ୍କା ଓ ଅଳଙ୍କାର ଲୁଟି ନେଇଛନ୍ତି। ସକାଳେ ତଳ ଘର ଆଗ ଦୁଆର ଭଙ୍ଗାଯାଇଥିବା ଦେଖି ଡମ୍ବରୁଧର ନାୟକ ପୋଲିସକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଜୟଦେବଙ୍କ ପରିବାର ସୋରରେ ପହଞ୍ଚି ନ ଥିବାରୁ ଚୋରି ଗହଣାର ମୂଲ୍ୟ ଠିକ୍ ଭାବେ ଆକଳନ କରାଯାଇପାରିନି। ସେହିପରି ଏହି ମିଲ୍ ପରିସର ସଂଲଗ୍ନ ବଢ଼େଇ ସାହିରେ ଭଡାରେ ରହୁଥିବା ଅଭିମନ୍ୟୁ ବେହେରାଙ୍କ ପରିବାର ରବିବାର ରାତିରେ ସରଶଂଖସ୍ଥିତ ଶ୍ୱଶୁର ଘରକୁ ବୁଲି ଯାଇଥିବା ବେଳେ ତାଙ୍କ ଘର ଆଗ ଗ୍ରୀଲ୍ କାଟି ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ରୁପା ଅଳଙ୍କାର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ସୋମବାର ମଧ୍ୟାହ୍ନରେ ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ନେଇ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରିଛି। ଏହି ଷ୍ଟେଶନ ନିକଟ ଅଞ୍ଚଳରେ ଲଗାତର ଚୋରି ହେଉଥିବା ବେଳେ ପୋଲିସ ଅଦ୍ୟାବଧି କିଛି ଟେର ପାଉନି।

# ଓମ୍ବାଡସି କାର୍ଯ୍ୟ ପରିଦର୍ଶନ କରିବେ ଜଷ୍ଟିସ ଅନଙ୍ଗ ପଟ୍ଟନାୟକ

କେନ୍ଦୁଝର,୨୬।୧୨(ସ୍ୱ.ପ୍ର.)

ଓମ୍ବାଡସିର ଓଭରସାଇଟ ଅଥରିଟି ଜଷ୍ଟିସ ଅନଙ୍ଗ ପଟ୍ଟନାୟକ କେନ୍ଦୁଝର ଜିଲାକୁ ୩ ଦିନିଆ ଗସ୍ତରେ ଆସୁଛନ୍ତି। ମଙ୍ଗଳବାର ସକାଳ ୧୧ଟାରେ ଘଷିପୁରା ବ୍ଲକ୍ ରାମଚନ୍ଦ୍ରପୁରରେ ଓହ୍ଲାଇ ଲକ୍ଷ୍ମୀନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମି ବିକାଶ କାମ ଦେଖିବେ। ପରେ ଆନନ୍ଦପୁର ଫରେଷ୍ଟ ଗେଷ୍ଟ ହାଉସରେ ବିଶ୍ରାମ ନେଇ ଆନନ୍ଦପୁର ସ୍ଥିତ ନିର୍ମାଣଧୀନ ଇନ୍‌ଡୋର ଷ୍ଟାଡିୟମର କାମ ଦେଖିବା ପରେ ହାଟଡିହି ବ୍ଲକ୍‌କୁ ଯାଇ ୧୯ ଟି ଗ୍ରାମରେ ଓମ୍ବାଡସି ଅର୍ଥରେ ଶେଷ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିବେ। ହାଟଡ଼ିହୀ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଲୋକଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୩୦ ବେଡ୍ ବିଶିଷ୍ଟ ଏମ୍‌ସିଏଚ୍ ମାତୃଶିଶୁ ହସ୍ପିଟାଲ ପରିଦର୍ଶନ କରିବେ। ବୁଧବାର କୃଷି ବିଜ୍ଞାନ କେନ୍ଦ୍ରର ତାଲିମ କାର୍ଯ୍ୟକ୍ରମ ଦେଖିବା ସହ ପ୍ରଶିକ୍ଷଣ ନେଉଥିବା ଲୋକଙ୍କ ସହ ଆଲୋଚନା କରିବେ। ଝୁମ୍ପୁରା ବ୍ଲକ୍ ସାରୁପତଳା ଗ୍ରାମରେ ଛେଳି ଚାଷ କାର୍ଯ୍ୟକ୍ରମ ଆଦି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରିବେ। ଗୁରୁବାର ଜିଲା ମୁଖ୍ୟ ଡାକ୍ତରଖାନା ଶତାର୍ବ୍ଦି କୋଠା, ଆଇସିୟୁ, ଅପରେସନ ଥ୍ରିଏଟର, ଷ୍ଟାଫ କ୍ୱାଟର ଆଦି ବୁଲି ଦେଖିବେ। ଶେଷରେ ଜିଲାସ୍ତରୀୟ ବୈଠକରେ ଯୋଗ ଦେଇ ଫେରିବାର କାର୍ଯ୍ୟକ୍ରମ ରହିଛି।

## ଟ୍ରେନ୍‌ରେ କଟି ଯୁବକ ମୃତ

ରୂପସା, ୨୬।୧୨(ଡି.ଏନ.ଏ.)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ବାଲେଶ୍ୱର ଜିଲାର ରୂପସା ଓ ହଳଦୀପଦା ରେଳଷ୍ଟେଶନ ମଝିରେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରୂପସା ଥାନା ମିରିଗିମୁଣ୍ଡି ଗ୍ରାମର ରାଧାକୃଷ୍ଣ ବଡ଼ାଇ (୪୫)। ସେ ରବିବାର ରେଳଧାରଣା ପାର୍ ହେଉଥିବା ବେଳେ ସାଲିମାର-ପୁରୀ ଧଉଳି ଏକ୍ସପ୍ରେସ ଟ୍ରେନରେ କଟି ମୃତ୍ୟୁବରଣ କରିଥିଲେ। ବାଲେଶ୍ୱର ଜିଆରପି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୧୧୬/୨୨) ରୁଜୁହୋଇ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ଆଗରପଡ଼ା ଯୁବ ମହୋତ୍ସବ


ମହୋତ୍ସବରେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

ଭଦ୍ରକ ଅଫିସ,୨୬।୧୨

ଆଜିର ଯୁବଶକ୍ତି ଆଗାମୀ ଦିନର ଭବିଷ୍ୟତ ବୋଲି ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଯୁବ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟଅତିଥି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ବକ୍ତବ୍ୟରେ କହିଥିଲେ। ଆଗରପଡ଼ାସ୍ଥିତ ହେମପଦ୍ମା ଗାଲାକ୍ସିଠାରେ ପ୍ରଥମ କରି ଆରମ୍ଭ ହୋଇଥିବା ଯୁବ ମହୋତ୍ସବରେ କମିଟି ସଭାପତି ଇଂ. ଅମୀୟ ରଞ୍ଜନ ରାମ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ହରିହର ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ବିଡିଓ ପ୍ରଦୀପ୍ତ କୁମାର ସେଠୀ, ଶହୀଦ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର, ଫୋକସ ପ୍ଲସ୍‌ର ସମ୍ପାଦକ ସୁଧାଂଶୁ ଶେଖର ରାଉତ, ଆଗରପଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପାତ୍ର, ଗାନ୍ଧୀବାଦୀ ନେତା ରାମନାରାୟଣ ରାୟ, ସାମାଜିକ କର୍ମୀ ପ୍ରଦୀପ କୁମାର ସିଂହ ଓ ଅଭିନେତ୍ରୀ ଏଲିନା ସାମନ୍ତରାୟ ଯୋଗ ଦେଇଥିଲେ। କମିଟି ସମ୍ପାଦକ ପ୍ରଦ୍ୟୁମ୍ନ ପୁହାଣ ବାର୍ଷିକ ବିବରଣୀ ପାଠ ଓ ସୁରେଶ କୁମାର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ଚିନ୍ମୟ ସିଂହ ଧନ୍ୟବାଦ ଦେଇଥିଲେ। ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଏଲିନାଙ୍କ ନୃତ୍ୟ ଓ ସଂଳାପ ଦର୍ଶକମାନଙ୍କୁ ବିମୁଗ୍ଧ କରିଥିଲା। ଏହି ଅବସରରେ ଗାନ୍ଧୀବାଦୀ ନେତା ରାମନାରାୟଣଙ୍କ ସମେତ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କମିଟିର ଶତାଧିକ ଯୁବକଙ୍କ ସହ ସ୍ଥାନୀୟ ସ୍କାଉଟ, ଗାଇଡ୍ ଓ ଏନ୍‌ସିସି ଛାତ୍ରୀଛାତ୍ର ଆଗରପଡ଼ା ଥାନା ନିକଟରୁ ଏକ ବିରାଟ ମଶାଲ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ। ଏସ୍‌ଡିପିଓ ବିଜୟ କୁମାର ମହାପାତ୍ର ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଆଗରପଡ଼ା ଥାନାଧିକାରୀ ମୋନାଲିସା କରଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଓ ଆଗରପଡ଼ା ଦମକଳ ବାହିନୀ ମୁତୟନ ରହିଥିଲେ।

# ଏକତା ହିଁ ବିଜୟର ସୂତ୍ର ଉପରେ ଗୁରୁତ୍ୱ

**ନିର୍ବାଚନ ପାଇଁ ଭାଜପାର ରଣନୀତି ପ୍ରସ୍ତୁତି**



ଭାଜପା ଜିଲା ସାଙ୍ଗଠନିକ ବୈଠକ।

ବାଲେଶ୍ୱର ଅଫିସ,୨୬।୧୨

ବାଲେଶ୍ୱର ଭାଜପା ପକ୍ଷରୁ ପୂର୍ଣ୍ଣାଙ୍ଗ ଜିଲା ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଜିଲାର ସାଙ୍ଗଠନିକ ବିକାଶ ଓ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ରଣନୀତି ପ୍ରସ୍ତୁତ କରାଯାଇଥିଲା। ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା ପ୍ରଭାରୀ ତଥା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଜିଲାର ସାଙ୍ଗଠନିକ ବ୍ୟବସ୍ଥାର ସମୀକ୍ଷା କରିବା ସହିତ କାର୍ଯ୍ୟକର୍ତ୍ତାଙ୍କୁ ବିଜୟର ମନ୍ତ୍ର ଦେଇଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଭିଭାବକ ଭାବେ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ଏକତା ହିଁ ବିଜୟର ସୂତ୍ର ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଈଶ୍ୱର ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ। ଜିଲା ଉପସଭାପତି କମଳଲୋଚନ ଦାସ ଓ କରୁଣାକର ପଣ୍ଡା ସଭା କାର୍ଯ୍ୟ ପରିଚାଳନରେ ସହଯୋଗ କରିଥିଲେ। ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି ଓ ପର୍ଶୁରାମ ବେହେରା, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ, ବିଧାୟକ ପ୍ରାର୍ଥୀ ରାକେଶ ମଲ୍ଲିକ, ସୋର ଚେୟାରମ୍ୟାନ୍ ମାଧବ ଧଡ଼ା, ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜୀ ମଲ୍ଲିକ, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମଞ୍ଚାସୀନ ଥିଲେ। ବୈଠକରେ ଜିଲାର ସମସ୍ତ ପଦାଧିକାରୀ, ରାଜ୍ୟ ପଦାଧିକାରୀ, ମଣ୍ଡଳ ସଭାପତି, ମଣ୍ଡଳ ସାଧାରଣ ସମ୍ପାଦକ ଓ ପ୍ରଭାରୀ ସମେତ ସମସ୍ତ ଉତ୍ତରଦାୟୀ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭଦ୍ରକ**

- ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର, ସ୍ଥାନ: କୋର୍ଟ କମ୍ପ୍ଲେକ୍ସ, ନଳାଙ୍ଗ, ଭଦ୍ରକ, ସମୟ: ପୂର୍ବାହ୍ନ ୯।

**ମୟୂରଭଞ୍ଜ**

- କେନ୍ଦ୍ର ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଭାନୁପ୍ରତାପ ସିଂହବର୍ମାଙ୍କ ଜିଲାଗସ୍ତ ଓ ନ୍ୟାସନାଲ ଏସ୍‌ସି-ଏସ୍‌ଟିହବ କନକ୍ଲେଭ୍‌କୁ ନେଇ ସମୀକ୍ଷା। ସ୍ଥାନ-ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ପୂର୍ବାହ୍ନ-୧୦ଟା।

## ସଂକ୍ଷେପରେ

### ଯୁବକଙ୍କ ଉନ୍ମତ୍ତକାଣ୍ଡ
### ଘର ପୋଡ଼ିଲେ, ହାତୁଡ଼ିରେ ମୁଣ୍ଡ ଫଟାଇଲେ

**ଖଇରା, ୨୬।୧୨(ଡି.ଏନ.ଏ.):** ବଲେଶ୍ୱର ଜିଲା ଖଇରା ଥାନା ଅଧୀନ ଗୁଆପାଳ ଗ୍ରାମରେ ଜଣେ ମହିଳାଙ୍କ ଘର ପୋଡିବା ପରେ ମୁଣ୍ଡକୁ ହାତୁଡିରେ ପିଟି ଲହୁଲୁହାଣ କରିବା ଅଭିଯୋଗରେ ଖଇରା ପୋଲିସ ଅଜୁ ନାଏକ ନାମକ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଗ୍ରାମର ଅନ୍ନପୂର୍ଣ୍ଣା ନାଏକଙ୍କ ପୁଅ ଓ ସ୍ୱାମୀ ସୋମବାର ପୂର୍ବାହ୍ନରେ କାମକୁ ଚାଲିଯାଇଥିବା ବେଳେ ଅଜୁ ନିଶାସକ୍ତ ଅବସ୍ଥାରେ ଅନ୍ନପୂର୍ଣ୍ଣାଙ୍କ ଘରେ ପଶି ତାଙ୍କ ଘରେ ନିଆଁ ଲଗାଇବା ସହ ଆକ୍ରମଣ କରିଥିଲେ। ଗ୍ରାମବାସୀ ଚିତ୍କାର ଶୁଣି ଆସିବା ପୂର୍ବରୁ ସେ ଦୌଡି ପଳାଇଥିଲେ। ନିଆଁ ଲିଭାଇବା ପରେ ଅନ୍ନପୂର୍ଣ୍ଣାଙ୍କୁ ଡାକ୍ତରଖାନା ପଠାଯାଇଥିଲା।

### ଅପହୃତ ୨ ନାବାଳିକା ଉଦ୍ଧାର

**ଭଣ୍ଡାରିପୋଖରୀ, ୨୬।୧୨(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ରହଣିଆ ଅଞ୍ଚଳରୁ ଅପହୃତ ହୋଇଥିବା ୨ ନାବାଳିକାଙ୍କୁ ପୋଲିସ ସୋମବାର ଉଦ୍ଧାର କରିଛି। ଏଥିସହ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଦୁଇ ନାବାଳିକା ଦୁଇମାସରୁ ଊର୍ଦ୍ଧ୍ୱ ହେଲା ପ୍ରେମଜନିତ କାରଣରୁ ଅପହରଣର ଶିକାର ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଓ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳର ଅନ୍ୟ ଜଣେ ଯୁବକ ସେମାନଙ୍କୁ ଅପହରଣ କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମୋବାଇଲ ଟ୍ରାକିଂରୁ ଅପହୃତ ଦୁଇ ନାବାଳିକା କେରଳ ଓ ଆନ୍ଧ୍ରପ୍ରଦେଶରେ ଥିବା ପୋଲିସ ଜାଣିବାକୁ ପାଇଥିଲା। ଥାନା ଅଧିକାରୀ ଅମିତାଭ ଦାସଙ୍କ ନେତୃତ୍ୱରେ ଦୁଇଟି ଟିମ୍ ସେଠାରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା।

### କ୍ରୀଡ଼ା ପ୍ରତିଯୋଗିତା

**ଧାମନଗର, ୨୬।୧୨(ସ୍ୱ.ପ୍ର.):** ହକି ବିଶ୍ୱକପ୍ ଆୟୋଜନ ପରିପ୍ରେକ୍ଷୀରେ ଧାମନଗର ବ୍ଲକ ଭଗବାନପୁର ନୋଡାଲ ବିଦ୍ୟାଳୟ ଖେଳପଡ଼ିଆରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ମଶାଲ ଶୋଭାଯାତ୍ରା କରିବା ପରେ ସରପଞ୍ଚ କାଞ୍ଚନ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତର ୪ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୪ଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ସରପଞ୍ଚଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ସୁଦର୍ଶନ ବେହେରା, ପ୍ରଦୀପ କୁମାର ମହାପାତ୍ର ଓ ସୌମ୍ୟ ରଞ୍ଜନ ବାରିକ କ୍ରୀଡ଼ା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ନାୟକ, ଅରୁଣ ଯେନା ପ୍ରମୁଖ ସହଯୋଗ କରିଥିଲେ।

# ନିମ୍ନମାନର ରାସ୍ତାକାମ ନେଇ ବଢୁଛି ଅସନ୍ତୋଷ

**ଖଇରା, ୨୬।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଖଇରା ଓ ସିମୁଳିଆ ୨ ବ୍ଲକକୁ ସଂଯୋଗ କରୁଥିବା ତୁଡିଗଡିଆ ଆନନ୍ଦପୁର ଭାୟା ମାଖନପୁର ରାସ୍ତା କାର୍ଯ୍ୟକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଯନ୍ତ୍ରୀ ପଦବୀ ଖାଲି ପଡିଥିବା ବେଳେ ଏହି ସୁଯୋଗକୁ ହାତଛଡା ନ କରି ଠିକାଦାର ଫାଇଦା ଉଠାଇବା ଲକ୍ଷ୍ୟରେ ତରବରିଆ ଭାବେ ଇଚ୍ଛା ମୁତାବକ କାମ କରିଚାଲିଛନ୍ତି। ଶେଷ ହୋଇଥିବା ଉକ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଦାମୋଦର ଦାସ, ପୂର୍ଣ୍ଣଚନ୍ଦ୍ର ବାରିକ, ବନମାଳୀ ବେହେରା, ଲକ୍ଷ୍ମୀଧର ବାରିକ, ଅନାମ ବାରିକ, ନାରାୟଣ ରାଉତ ଓ ସନାତନ ବାରିକ ପ୍ରମୁଖ ଦାବି କରିଛନ୍ତି। ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଗ୍ରାମବାସୀ ରାସ୍ତାକାମ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି।

ଏହି ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ ପାଇଁ ୨ କୋଟି ୯୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

**୬ମାସରୁ ଊର୍ଦ୍ଧ୍ୱ ହେବ ଖାଲି ପଡିଛି ଯନ୍ତ୍ରୀ ପଦବୀ**



ଆନନ୍ଦପୁର- ମାଖନପୁର ରାସ୍ତା ନିର୍ମାଣ ଚାଲିଛି।

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶିଳାନ୍ୟାସ ପରେ ଏହି ୮ କି.ମି. ରାସ୍ତାରେ ପ୍ରତ୍ୟେକ ଦିନ ଯାତାୟାତ କରୁଥିବା ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ବାସିନ୍ଦାଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ହେଲେ ଏହି ରାସ୍ତା ଆରମ୍ଭ ପରେ ରାସ୍ତାର ସ୍ଥାୟିତ୍ୱ କଥା ଭାବି ରାସ୍ତା ସଂଲଗ୍ନ ଆନନ୍ଦପୁର, ଦୁଲାରପୁର, ମେଦିନୀପୁର, ସାଉଣ୍ଡିଆ, ଭାଟପଡା, କୁତୁପୁର, ମଛଦା ଓ ଗଣ୍ଡୁଆ ଆଦି ଗ୍ରାମର ଅଧିବାସୀ ଚିନ୍ତିତ ହୋଇପଡିଛନ୍ତି। ଠିକ୍ ରାସ୍ତା କାର୍ଯ୍ୟ ଶିଳାନ୍ୟାସର ମାତ୍ର କିଛି ଦିନ ମଧ୍ୟରେ ମାର୍କୋଣା ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ଓ ୨ କନିଷ୍ଠଯନ୍ତ୍ରୀଙ୍କର ବଦଳି ହୋଇଯାଇଥିଲା। ଏଣୁ ଯନ୍ତ୍ରୀଶୂନ୍ୟ ହେବା ମାଛକୁ ଗୋଳିଆ ପାଣି ସୁହାଇବା ଭଳି ଠିକାଦାର ପାଇଁ ତାହା ସାବ୍ୟସ୍ତ ହୋଇଛି। ରାସ୍ତା ନିର୍ମାଣ ଭାଗ ମାପରେ ଏପଟସେପଟ କରାଯାଉଥିବାରୁ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣରେ ଠିକାଦାର ଓ ଆଉ କିଛି ଲୋକ ମାଲାମାଲ ହେବା ବ୍ୟତିତ ଜନସାଧାରଣଙ୍କୁ ବିଶେଷ ଫାଇଦା ମିଳୁ ନ ଥିବା ମଛଦା ଗ୍ରାମର ଦାମୋଦର ଦାସ କହିଛନ୍ତି। ଅନୁରୂପ ଭାବେ ଓଖାପୋଖରୀ ଭାୟା ସାରଡାଙ୍ଗ ଦେଇ ଅଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଠିକାଦାରଙ୍କ ବେପରୁଆ କାର୍ଯ୍ୟକୁ ନେଇ ସାରଡାଙ୍ଗ ଓ ଭୋଗୁପୁର ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମାର୍କୋଣା ସବଡିଭିଜନ ଦାୟିତ୍ୱରେ ଥିବା ସୋର ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ଲମ୍ବୋଦର ନାୟକଙ୍କୁ ଯୋଗାଯୋଗ କରିବାରେ ସେ ନିଜେ ହେଉ କିମ୍ବା କନିଷ୍ଠଯନ୍ତ୍ରୀଙ୍କୁ ପଠାଇ ଏହାର ତଦନ୍ତ କରିବେ ବୋଲି କହିଛନ୍ତି।

# ଭାଜପାର ସତ୍ୟାଗ୍ରହ



ବାଲେଶ୍ୱରରେ ଭାଜପା କର୍ମକର୍ତ୍ତାମାନେ ସତ୍ୟାଗ୍ରହ କରିଛନ୍ତି।

**ବାଲେଶ୍ୱର ଅଫିସ, ୨୬।୧୨**

ବାଲେଶ୍ୱର ସହର ସିନେମା ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଭାଜପା ପକ୍ଷରୁ ବିଜେଡ଼ି ସରକାରର କୁଶାସନ ବିରୋଧରେ ସୋମବାର ପ୍ରତିବାଦ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଛି। ନବୀନ ସରକାର ତାଙ୍କ ଦଳର ଅପରାଧୀ ନେତା ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ସମ୍ପୃକ୍ତ ଅପରାଧରେ ସାମିଲ ଥିବା ଲୋକଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଉଛି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି।

ସତ୍ୟାଗ୍ରହ ସଭାରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି ପ୍ରମୁଖ ଯୋଗଦେଇ ବିପର୍ଯ୍ୟୟ ଆଇନଶୃଙ୍ଖଳା ଉପରେ ବର୍ଷିଥିଲେ। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, କାଉନସିଲର ସତ୍ୟଶିବସୁନ୍ଦର ଦାସ, ନିତ୍ୟଗୋପାଳ ସିଂ, ନଗର ସଭାପତି ଚିତ୍ତ ରଞ୍ଜନ ପଣ୍ଡା, ଜିଲା ସମ୍ପାଦିକା ପିଙ୍କି ପ୍ରଧାନ, ନଗର ମହିଳା ମୋର୍ଚ୍ଚା ସଭାପତି ସୁସ୍ମିତା ପଣ୍ଡା, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।



ଭଦ୍ରକ ବାଇପାସ୍‌ଠାରେ ସତ୍ୟାଗ୍ରହରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

**ଭଦ୍ରକ ଅଫିସ/ଚାନ୍ଦବାଲି/ଧାମନଗର/ ବାସୁଦେବପୁର, (ଡି.ଏନ.ଏ.)**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯାଇଥିଲା। ଭଦ୍ରକ ବାଇପାସ୍ ଛକରେ ସତ୍ୟାଗ୍ରହରେ ବିକାଶ ପାଢ଼ୀଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ଭାଜପା ନେତା ଅଭିମନ୍ୟୁ ସେଠୀ, ଡା. ପ୍ରଦୀପ ନାୟକ, ସଂଖ୍ୟାଲଘୁ ସଭାପତି ସବର ଅଲ୍ଲୀ, ଅମ୍ବିକା ପ୍ରସନ୍ନ ଦାସ, ଦୁର୍ଗା ଦାସ, ଶ୍ରୀହର୍ଷ ସ୍ୱାଇଁ, ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦବାଲି ବସ୍‌ଷ୍ଟାଣ୍ଡରେ ଭାଜପାର ସତ୍ୟାଗ୍ରହରେ ଉପେନ୍ଦ୍ର ରାଉଳ, ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, କମଳା ସୂତାର ପ୍ରମୁଖ ସାମିଲ ହୋଇଥିଲେ। ଧାମନଗର ଥାନା ସମ୍ମୁଖରେ ଚାରିଘଣ୍ଟିଆ ସତ୍ୟାଗ୍ରହ କରାଯାଇ ଭାଜପା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ପୂର୍ବତନ ଜିଲା ପରିଷଦ ସଦସ୍ୟ ମନୋଜ ମଲ୍ଲିକଙ୍କ ସଭାପତିତ୍ୱରେ ବିଧାୟକଙ୍କ ଏନ୍‌ଏସି ପ୍ରତିନିଧି ଶରତ ଚନ୍ଦ୍ର ମହାନ୍ତି, ବିଜୟ ଶଙ୍କର ନାୟକ, ରାଜୀବ ଦାସ, ଶ୍ରୀକାନ୍ତ ନାୟକ, କ୍ଷେତ୍ରବାସୀ ବାରିକ, ଶ୍ରୀକାନ୍ତ ଦାସ, ସରପଞ୍ଚ ପ୍ରିତମ ଦାସ, ସେକ୍ ହମିଦ, ସେକ୍ ଯିଲାନି, ବିରେନ୍ଦ୍ର ଜେନା ପ୍ରମୁଖ ସରକାରଙ୍କୁ ସମାଲୋଚନା କରିଥିଲେ। ବାସୁଦେବପୁର ଭାଜପା ପକ୍ଷରୁ ନୀଳମଣି ଟାଉନହଲ୍ ସାମ୍ନାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲା ଉପସଭାପତି ଉଦୟ ନାରାୟଣ ମଲିକଙ୍କ ନେତୃତ୍ୱରେ କର୍ମୀ ଓ ସମର୍ଥକମାନେ ସତ୍ୟାଗ୍ରହ କରିଥିଲେ।

**ପାଟଣା/ତେଲକୋଇ, (ସ୍ୱ.ପ୍ର./ଡି.ଏନ୍.ଏ)**

ବିଜେଡି ପ୍ରତିଷ୍ଠାର ୨୫ ବର୍ଷ ପୂର୍ତ୍ତି ଉତ୍ସବ ପୁରୀ ତାଳ ବଣିଆରେ ସୋମବାର ପାଳିତ ହୋଇଥିଲା। ଏହାକୁ ବିରୋଧ କରି ଭାଜପା ପକ୍ଷରୁ ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ ୪ ଘଣ୍ଟିଆ ସତ୍ୟାଗ୍ରହ ପାଟଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ଯୁବମୋର୍ଚ୍ଚା ସଭାପତି ହେମରଞ୍ଜନ ବାରିକଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଯୋଗଦେଇ ଶାସକ ଦଳର ମନ୍ତ୍ରୀ, ବିଧାୟକଙ୍କ ଅପରାଧିକ କାର୍ଯ୍ୟରେ ସମ୍ପୃକ୍ତି ସରକାରଙ୍କୁ କାଠ ଗଡ଼ାରେ ଠିଆ କରିଛି। କିନ୍ତୁ ସରକାର ଶାସନ କଳର ଦୁରୁପଯୋଗ କରି ଦଳ ତାର ୨୬ତମ ପ୍ରତିଷ୍ଠା ଦିବସ ପାଳନ କରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ବିଜୟଲକ୍ଷ୍ମୀ ପାତ୍ର, ଶବିର ଦାଶ, ସତ୍ୟବ୍ରତ ନାଏକ, କୃପାସିନ୍ଧୁ ମହାନ୍ତ, ସୁଦର୍ଶନ ମହାନ୍ତ, ସୋମବାରୀ ମୁଣ୍ଡା, ରମେଶ ମହାନ୍ତ, ବୁଲୁ ବାରିକ, ନରହରି ମହାନ୍ତ, ମିତ୍ରଭାନୁ ମହାନ୍ତ, ପ୍ରବୀର ରଞ୍ଜନ ନାଏକ ପ୍ରମୁଖ ଯୋଗଦେଇଥିଲେ।

ତେଲକୋଇ ବ୍ଲକ ମୁଖ୍ୟାଳୟର ପୂଜା ମଣ୍ଡପଠାରେ ବିଜେପି ପକ୍ଷରୁ ଏକ ୪ ଘଣ୍ଟିଆ ସତ୍ୟାଗ୍ରହ କରାଯାଇଛି। ସତ୍ୟାଗ୍ରହରେ ତେଲକୋଇ ଜିଲାପରିଷଦ ସଭ୍ୟା ଛୈଳବାଳା ନାୟକ, ଜିଲା ଉପସଭାପତି ଉଦୟନାଥ ସାହୁ, ମଣ୍ଡଳ ସଭାପତି ସତ୍ୟନାରାୟଣ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

# ସେବିକା, ସୁରକ୍ଷାକର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ୍

**ଚମ୍ପୁଆ, ୨୬।୧୨(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ସୁରକ୍ଷାକର୍ମୀ ରୋଗୀଙ୍କ ସେବା କରିବା ଭିଡିଓ ଭାଇରାଲ ଘଟଣାରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସା ଅଧିକାରୀ ଗୁରୁତ୍ୱର ସହ ନେଇଛନ୍ତି। ଘଟଣାରେ ଅଧିକାରୀ ଉମାକାନ୍ତ ସାହୁ ସମସ୍ତ କର୍ମଚାରୀଙ୍କର ଏକ ବୈଠକ ଡକାଇଥିବା ବେଳେ ସମ୍ପୃକ୍ତ ସୁରକ୍ଷାକର୍ମୀ ଓ ୱାର୍ଡ କାର୍ଯ୍ୟରେ ନିୟୋଜିତ ଥିବା ସେବିକାଙ୍କୁ କାରଣ ଦର୍ଶାଅ ନୋଟିସ୍ କରିଛନ୍ତି। ସୂଚନା ମୁତାବକ, ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କୁ ରକ୍ତ ଦିଆଯାଇଥିଲା। ରକ୍ତ ଶେଷ ହେବା ପରେ ଉକ୍ତ ପାଇପଟିକୁ ଡ୍ୟୁଟିରେ ଥିବା ସୁରକ୍ଷାକର୍ମୀ ଖୋଲିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଭଳି ଏକ ଚିନ୍ତା ଜନକ ବିଷୟ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କ ନଜରକୁ ଆସିବା ପରେ ଡ୍ୟୁଟିରେ ଥିବା ସେବିକା ଓ ସୁରକ୍ଷାକର୍ମୀଙ୍କୁ ଯବାବ ତଲବ କରିଛନ୍ତି। ଏ ନେଇ ଉପଖଣ୍ଡ ଚିକିତ୍ସାଳୟର ସମସ୍ତ କର୍ମଚାରୀଙ୍କୁ ନେଇ ଏକ ବୈଠକ



ସୁରକ୍ଷାକର୍ମୀ ସାଲାଇନ୍‌ରୁ ପାଇପ୍ ଖୋଲୁଛନ୍ତି।

**ସୁରକ୍ଷାକର୍ମୀ ଚିକିତ୍ସା କରିବା ଘଟଣା**

କରାଯିବା ସହିତ କ୍ଲିନିକାଲ କ୍ଷେତ୍ରରେ ନିଯୁକ୍ତ କର୍ମଚାରୀ ସେବା କାର୍ଯ୍ୟ କରିବେ। ଅନ୍ୟ କର୍ମଚାରୀ କ୍ଲିନିକାଲ କ୍ଷେତ୍ରରେ ହସ୍ତକ୍ଷେପ ନ କରିବାକୁ ତାଗିଦ୍ କରିଥିଲେ। ଏପରି ଭୁଲ ଯେପରି ଆଗକୁ ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

## ବିଜେଡିରେ ସାମିଲ ହେଲେ ସରସଦା ସମିତି ସଭାପତି

**ଭଣ୍ଡାରିପୋଖରୀ, ୨୬।୧୨(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତି ସଭାପତି ଅବିନାଶ ରାଉତ ସୋମବାର ବିଜେଡିରେ ସାମିଲ ହୋଇଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଅବିନାଶଙ୍କୁ ସ୍ୱାଗତ କରିଥିଲେ। ଦଳର ସ୍ୱଚ୍ଛ ଶାସନ ପଦ୍ଧତି ଓ ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବାକୁ ବିଧାୟକ ତାଙ୍କୁ ପରାମର୍ଶ ଦେଇଥିଲେ। ଅବିନାଶଙ୍କ ସମେତ ବିଜେଡିରେ ସାମିଲ ହୋଇଥିବା ପ୍ରତାପ କୁମାର ନାୟକ, ରବୀନ୍ଦ୍ର ନାୟକ, କିଶୋର ଷେଣ୍ଠ ଓ ୱାର୍ଡସଭ୍ୟା ସ୍ୱର୍ଣ୍ଣଲତା ପାତ୍ରଙ୍କୁ ବିଧାୟକ ସ୍ୱାଗତ ଜଣାଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ଲଳିତ କୁମାର ରାଉତ, ସରପଞ୍ଚ ରମେଶ ଚନ୍ଦ୍ର ଜେନା, ବିଜେଡି ନେତା ଦେବେନ୍ଦ୍ର ଦାସ, ଗୁଣାକର ବେହେରା, ଦେବେନ୍ଦ୍ର ନାଥ ଧଳ, ଭୀମସେନ ଜେନା, ପ୍ରଶାନ୍ତ ଭଞ୍ଜ, ଦେବ ପ୍ରସନ୍ନ ମହାପାତ୍ର, ରତ୍ନାକର ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ବିଜେଡିସଭାପତି ପୀତାମ୍ବର ଦିଅ ଧନ୍ୟବାଦ ଦେଇଥିଲେ।

# ମୟୂରଭଞ୍ଜର ରୟାଲ ଟାଇଗର ଚାମ୍ପିୟନ

**ଜଳେଶ୍ୱର, ୨୬।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଜମାଲପୁରଠାରେ ଜାୱରା ଜାର୍ଫା ଆଦିବାସୀ କ୍ଲବର ୩ଦିନିଆ ଫୁଟବଲ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୬ଟି ଦଳ ଭାଗ ନେଇଥିବା ବେଳେ ତାହା ୩ଦିନ ଧରି ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ କାଳିଚରଣ ଦାସଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି ଓ ମୁଖ୍ୟବକ୍ତା ଭାବେ ଆଇଆଇସି ରୋଜାଲିନ୍ ବେହେରା ଯୋଗଦେଇ ଟୁର୍ନାମେଣ୍ଟ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରାଯାଇଥାଏ ବୋଲି କହିଥିଲେ। ଏହି



ଉଦ୍‌ଯାପନୀ ସନ୍ଧ୍ୟାରେ ବିଜେତା ଦଳକୁ ପୁରସ୍କୃତ କରାଯାଉଛି।

ଟୁର୍ନାମେଣ୍ଟରେ ମୟୂରଭଞ୍ଜର ରୟାଲ ଟାଇଗର ଚାମ୍ପିୟନ ହୋଇଥିବା ବେଳେ ବାଲେଶ୍ୱରର ବିଏମ୍‌ଡବ୍ଲ୍ୟୁ ଟିମ୍ ଉପବିଜେତା ହୋଇ ଯଥାକ୍ରମେ ୩୦ହଜାର ଓ ୨୨ ହଜାର ଟଙ୍କା ନଗଦ ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜମୋହନ ପ୍ରଧାନ, ମଧୁସୂଦନ ସେନାପତି, ବିଶ୍ୱନାଥ ଦାସ ମହାପାତ୍ର, ସପନ ଦାସ, ଖଗେନ୍ଦ୍ର ସାହୁ, ଆଇନଜୀବୀ ରାମଚନ୍ଦ୍ର ଜେନା, କୁଞ୍ଜବିହାରୀ ଦାସ, ଚନ୍ଦନ କର, ରାସବିହାରୀ ରଣା ପ୍ରମୁଖ ଉପସ୍ଥିତ ହୋଇ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଜାୱରା ଜାର୍ଫା ଆଦିବାସୀ କ୍ଲବ ସଭାପତି ରଘୁ ହାଁସଦା, ସମ୍ପାଦକ ବିଶ୍ୱନାଥ ହାଁସଦା ଓ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

## ବନ୍ଦ ହେଲା ସତ୍ୟାଗ୍ରହ କାର୍ଯ୍ୟକ୍ରମ
### ଉଦଳା ଭାଜପାରେ ଗୋଷ୍ଠୀ କନ୍ଦଳ

**ଉଦଳା, ୨୬।୧୨(ଡି.ଏନ.ଏ.)**

ଗୋଷ୍ଠୀ କନ୍ଦଳ ଯୋଗୁ ମୟୂରଭଞ୍ଜ ଜିଲା ଉଦଳା ଭାଜପା ପକ୍ଷରୁ ସୋମବାର ହେବାକୁଥିବା ସତ୍ୟାଗ୍ରହ କାର୍ଯ୍ୟକ୍ରମ ବନ୍ଦ ରହିବା ଚର୍ଚ୍ଚାର ବିଷୟ ହୋଇଛି। ଉଦଳା ଥାନା ଛକଠାରେ ସତ୍ୟାଗ୍ରହ କାର୍ଯ୍ୟକ୍ରମ ସକାଶେ ଟେଣ୍ଟ କରାଯାଇଥିଲା। ତେବେ କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ଯୋଗୁ କାର୍ଯ୍ୟକ୍ରମକୁ ବନ୍ଦ କରି ଦିଆଯାଇଥିଲା। ନେତା ଏବଂ କର୍ମୀମାନେ ଉକ୍ତ ସ୍ଥାନରୁ ଚାଲିଯାଇଥିଲେ। ଏନେଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ମୋଦୀଙ୍କୁ ପଚାରିବାରୁ ସେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଯୋଗୁ କାର୍ଯ୍ୟକ୍ରମ ବନ୍ଦ କରାଯାଇଥିବା କହିଛନ୍ତି।

# ମନ ମୋହିଲା କୁନି ଛାତ୍ରୀଛାତ୍ରଙ୍କ ନୃତ୍ୟ

**ଧାମନଗର, ୨୬।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ କାଳୀବଜାର ପଡ଼ିଆଠାରେ ଏଏମ୍‌ବି ଇଂଲିଶ ମିଡିୟମ ସ୍କୁଲ, ହ୍ୟୁମାନ ଲର୍ଣ୍ଣିଂ ସେଣ୍ଟର ଓ ମମତାଜ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ସେକ୍ ଆଜାଦ ଅଲ୍ଲୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସୋର ୟୁ ଏନ୍ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ସାମଲ ଯୋଗଦେଇ କହିଥିଲେ, ମା' ବାପା ପ୍ରଥମେ ପିଲାଙ୍କୁ ସଂସ୍କାରୀ କରନ୍ତୁ। ବର୍ତ୍ତମାନ ସମାଜରେ ମୋବାଇଲ ପିଲାଙ୍କୁ ନଷ୍ଟ କରୁଛି। ଏଣୁ ମୋବାଇଲଠାରୁ ପିଲାଙ୍କୁ ଯେତେ ସମ୍ଭବ ଦୂରେଇ ରଖିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଧାମନଗର ସମନ୍ୱିତ ଶିଶୁ ବିକାଶ କେନ୍ଦ୍ରର ପୂର୍ବତନ ଷ୍ଟାଟିଷ୍ଟିକାଲ ଅଫିସର ମନ୍ଦଧର ଦୀକ୍ଷିତ, ମହେନ୍ଦ୍ର ଜେନା, ବିଶ୍ୱରଞ୍ଜନ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଶୈଳବାଳା ସିଂ, ପ୍ରମିଳା ଦାସ, ସେକ୍ ଆକ୍ରମ, ଲକ୍ଷ୍ମୀଧର ଦାସ, ସନ୍ତୋଷ ସେଠୀ, ରବୀନ୍ଦ୍ର ଘୋଷ, ଆର୍ତ୍ତବନ୍ଧୁ ପାଲଙ୍କ ସହ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର କୁନି ଛାତ୍ରୀଛାତ୍ରଙ୍କ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।




ସ୍କୁଲ ବାର୍ଷିକୋତ୍ସବରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

# ପୁରିଯୋଡ଼ାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲଗାଇବାକୁ ନିର୍ଦ୍ଦେଶ

**ତେଲକୋଇ, ୨୬।୧୨ (ଡି.ଏନ.ଏ)**

**ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ କାର୍ଯ୍ୟାଳୟଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶୁଣାଣିରେ ଜିଲାପାଳ ଆଶିଷ୍ ଠାକ୍‌ରେ, ଜିଲା ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଯୋଗ ଦେଇ ୧୦୭ଜଣଙ୍କ ଅଭିଯୋଗ ଶୁଣିଥିଲେ। ପୁରିଯୋଡ଼ା ପଞ୍ଚାୟତରେ ୩ ଟ୍ରାନ୍ସଫର୍ମର ଚୋରି ଘଟଣାକୁ ନେଇ ଉପଭୋକ୍ତାମାନେ ଅଭିଯୋଗ କରିଥିଲେ। ପରେ ତୁରନ୍ତ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଜିଲାପାଳ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅଭିଯୋଗ ମଧ୍ୟରେ, ଆବାସ ଯୋଜନା, ବିଦ୍ୟୁତ୍ ସମସ୍ୟା, ବାର୍ଦ୍ଧକ୍ୟ, ବିଧବା ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଆଦି ପ୍ରସଙ୍ଗ ଗୁରୁତ୍ୱ ଦିଆଯାଇଥିଲା। ଶିବନାରାୟଣପୁର ଗୋଡ଼ାଠାରେ ଥିବା ପୁଟୁଘର ଜଳ ପ୍ରପାତକୁ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଉପଜିଲାପାଳ ରାମଚନ୍ଦ୍ର କିସ୍କୋ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ପୃଷ୍ଟି, ପିଏଆଇଟିଡିଏ ତପନ ନାୟକ, ଡେପୁଟି କଲେକ୍ଟର ସୁଚିସ୍ମିତା ଦାସ, ଏଡିପିଏଚଓ ସ୍ମୃତିକୀର୍ତି ମହାନ୍ତି, ତେଲକୋଇ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକ, ତହସିଲଦାର ଅଶ୍ୱିନୀ ନାଏକ, ଆଇଆଇସି ସାଇପ୍ରଭା ରାଉତ ଉପସ୍ଥିତ ଥିଲେ। ଅଭିଯୋଗର ତୁରନ୍ତ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।




ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

# ସାଇ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

**ବାରିପଦା ଅଫିସ, ୨୬।୧୨**

ମୟୂରଭଞ୍ଜ ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ମଞ୍ଚାବନ୍ଧାସ୍ଥିତ ଅନୁଷ୍ଠାନର ନୂତନ ଗୃହ ପ୍ରାଙ୍ଗଣରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ଡିଭାଇନ୍ ଏବଂ ମୟୂରଭଞ୍ଜ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂର ପ୍ରତିଷ୍ଠାତା ବିପ୍ଳବ ବୁଗୁଡାଇ ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ପୌର ପରିଷଦ ୧୫ନଂ.ୱାର୍ଡର କାଉନସିଲର ନିରୂପମା ମହାନ୍ତି ଯୋଗଦାନ କରି ବାର୍ଷିକ କ୍ରୀଡ଼ାର ଶୁଭ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ତୁଳସୀଚୌରା କ୍ଲଷ୍ଟରର ସିଆର୍‌ସିସି ଭବାନୀ ଚନ୍ଦ୍ର ସିଂ ଏବଂ ରଙ୍ଗଲାଲ ବିଦ୍ୟାପୀଠର ପ୍ରତିଷ୍ଠାତା ପରେଶ ଚନ୍ଦ୍ର ମହାନ୍ତ ଯୋଗଦେଇ କୃତି ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ କ୍ରୀଡ଼ାରେ ସଫଳ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ କ୍ରୀଡ଼ା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିବାରୁ ନିର୍ଦ୍ଦେଶକ ଇଂ. ପ୍ରଭଞ୍ଜନ ରାଉତ, ଅଧ୍ୟକ୍ଷ ଅକ୍ଷୟ ଖୁଲାର, ପ୍ରଧାନ ଶିକ୍ଷକ ଆଶିଷ କୁମାର ହୋତା, ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମିଶ୍ର, ପିସିସି ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ସପନ କୁମାର ଦାସ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା ଏବଂ ଏନଏସ୍‌ଏସ୍‌ର ସଦସ୍ୟମାନଙ୍କୁ ଅନୁଷ୍ଠାନର ପ୍ରତିଷ୍ଠାତା ସାଧୁବାଦ ଜଣାଇଥିଲେ।



କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।